# ଚାଷ୍ ବାସ୍
# CHASS BASS

## କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧

**E-Newsletter**

ଜାନୁଆରୀ – ମାର୍ଚ୍ଚ ୨୦୨୬
January - March 2026

ସୁନ୍ଦରଗଡ ଜିଲ୍ଲାର କୃଷକ ଓ କୃଷି ସହିତଜଡିତ ସମସ୍ତ ସହଭାଗୀମାନଙ୍କ ସୂଚନା ନିମନ୍ତେ ଦ୍ୱିମାସିକ ଇ-ସମାଚାର ପତ୍ର ଚାଷ୍‌ବାସ୍ ର ଅୟମାରମ୍ଭ ।

- କୃଷି ମାଧ୍ୟମରେ ଉନ୍ନତ ପ୍ରଯୁକ୍ତି ଓ ନୂତନ ପଦ୍ଧତି
- କୃଷକ ଓ ବୈଜ୍ଞାନିକ ମାନଙ୍କ ମଧ୍ୟରେ ସେତୁ ବନାଇ ଗବେଷଣା ଫଳାଫଳର ପ୍ରାୟୋଗିକ ପ୍ରୟୋଗ ।
- ସଫଳ କୃଷକଙ୍କ କାହାଣୀ ଓ ଉଦ୍ୟମକୁ ପ୍ରଚାର ।
- ଋତୁକାଳୀନ କୃଷି ଉପଦେଶ, ଜଳବାୟୁର ପୂର୍ବସୂଚନା ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କରେ ସୂଚନା ।
- କୃଷିଜାତ ଦ୍ରବ୍ୟର ବଜାରୀକରଣ ଓ ସଂଯୋଗୀ କରଣ
- ବିଭିନ୍ନ ସରକାରୀ ଯୋଜନା, ଆଲୋଚନା ଚକ୍ର ଶିବିର ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା




### ଛତୁରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଦକ୍ଷତାବୃଦ୍ଧି ତାଲିମ ଶିବିର

କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ତା୨୭.୦୧.୨୦୨୬ ରୁ ୦୧.୦୨.୨୦୨୬ ରିଖ ପର୍ଯ୍ୟନ୍ତ ଛତୁରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଦକ୍ଷତାବୃଦ୍ଧି ତାଲିମ ଶିବିର ଆୟୋଜିତ ହୋଇଥିଲା । ୩୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଛତୁରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଦ୍ରବ୍ୟ ଯଥା ଛତୁ ଆଚାର, ବଡି, ପାମ୍ପଡ, ପକୋଡା, ସୁପ ପାଉଡର, ପୁଷ୍ଟିଯୁକ୍ତ କୁକିଜ୍ ଆଦିର ପ୍ରସ୍ତୁତି ବିଷୟରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା ।




### ବିଦ୍ୟୁତ ସଂଲଗ୍ନ ତଥା ପମ୍ପସେଟରେ ଶକ୍ତି ବ୍ୟବହାର ସମୟରେ ଯତ୍ନ ଓ ସୁ-ବ୍ୟବହାର

ତା୦୪.୦୨.୨୦୨୬ ରିଖ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୦୦ ଜଣ ଚାଷୀଙ୍କୁ ବିଦ୍ୟୁତ ସଂଲଗ୍ନ ତଥା ପମ୍ପସେଟରେ ଶକ୍ତି ବ୍ୟବହାର ସମୟରେ ଯତ୍ନ ଓ ସୁ-ବ୍ୟବହାର ଉପରେ ସଚେତନ କରାଯାଇଥିଲା । ଏହାସହିତ ବୈଦ୍ୟୁତିକ ସମସ୍ୟାର ସାମାଧାନ ନିମନ୍ତେ ବିଭିନ୍ନ ଦେୟମୁକ୍ତ ଫୋନ ସେବାର ଲାଭ ନେବାପାଇଁ ଅନୁରୋଧ କରାଯାଇଥିଲା ।




### ଜିଆଖତ ଓ ଜୈବ ବର୍ଜ୍ୟବସ୍ତୁ ପରିଚାଳନା

କେନ୍ଦ୍ରର ପ୍ରଶିକ୍ଷଣ କକ୍ଷରେ ଓମ୍ଫାଡସି ଆର୍ଥିକ ସହାୟତାରେ ମାର୍ଚ୍ଚ ୯ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଆଖତ ଓ ଜୈବ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପାଞ୍ଚଦିନିଆ ଦକ୍ଷତାବୃଦ୍ଧି ତାଲିମ ପ୍ରଦାନ କରାଯାଇଅଛି । ଏହି ତାଲିମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ ।




## ମହିଳାକୃଷକ ସଶକ୍ତିକରଣ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା

୨୦ ଜଣ ଆଇସିଡିଏସ୍ ସୁପରଭାଇଜରଙ୍କୁ ତା ୧୨-୧୩ ମାର୍ଚ୍ଚ ୨୦୨୬ ରିଖ କେନ୍ଦ୍ରର ପ୍ରଶିକ୍ଷଣ କକ୍ଷରେ ମହିଳାକୃଷକ ସଶକ୍ତିକରଣ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ମହିଳା ଓ ଶିଶୁ ପୋଷଣର ଗୁରୁତ୍ୱ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଗ୍ରାମୀଣ ମହିଳାଙ୍କ ପାଇଁ ଆୟବୃଦ୍ଧିକାରୀ କୃଷି ଉଦ୍ୟମ, ସନ୍ତୁଳିତ ଆହାରର ଆବଶ୍ୟକତା ଓ ଘରୋଇ ପୋଷଣ ବଗିଚା ଉପରେ ଆଲୋଚନା କରାଯାଇଥିଲା ।



## ପ୍ରଧାନମନ୍ତ୍ରୀ କିସାନ ସମ୍ମାନନିଧିର ୨୨ତମ କିସ୍ତି

ତା ୧୩.୦୩.୨୦୨୬ ରିଖ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ କିସାନ ସମ୍ମାନନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଓ ଏକ ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୫୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ ।



## ଚିନାବାଦାମ ଫସଲରେ ମିଶ୍ରିତ ଖାଦ୍ୟସାର ପରିଚାଳନା

ଗତ ରବି ୨୦୨୫-୨୬ ରେ ହେମଗିରି ବ୍ଲକର ବେହେରାମୁଣ୍ଡା ଓ ଜୁଲୁମବାହାଲ ଗ୍ରାମର ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ଖରାଟିଆ ଚିନାବାଦାମ ଫସଲରେ ମିଶ୍ରିତ ଖାଦ୍ୟସାର ପରିଚାଳନା ଉପରେ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ।




## ସୋରିଷର କ୍ଲଷ୍ଟର ଭିତ୍ତିକ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ

ଗତ ରବି ୨୦୨୫-୨୬ ରେ ସଦର, ବଡଗାଁ, ଟାଙ୍ଗରପାଲି ବ୍ଲକର ୭୫ ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ୩୦ ହେକ୍ଟର ଜମିରେ ସୋରିଷ କିସମ ସମ୍ପୂର୍ଣ୍ଣା ର କ୍ଲଷ୍ଟର ଭିତ୍ତିକ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ସୋରିଷ ଫସଲରେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରଦର୍ଶିତ ହୋଇଥିଲା ।